ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଶ୍ରୀ ଓମ ପ୍ରକାଶ ଭାସିନ (ମୃତ) ଉତ୍ତରାଧିକାରୀମାନଙ୍କଦ୍ୱାରା ଏବଂ ଅନ୍ୟମାନେ

ସେପ୍ଟେମ୍ବର 25,1997

[ଡଃ ଏ.ଏସ୍. ଆନନ୍ଦ ଏବଂ ଏମ୍. ଶ୍ରୀନିବାସନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894 ଧାରା (23-1 A) ।*

*ଭୂମି ଅଧିଗ୍ରହଣ—କ୍ଷତିପୂରଣ—କ୍ଷତିପୂରଣ ଏବଂ ସୁଧ—ଅଧିକାର—କ୍ଷତିପୂରଣରେ ଅସନ୍ତୁଷ୍ଟ ଜମି ମାଲିକ—ବିଚାରାର୍ଥେ ପ୍ରେରଣ—ଜିଲ୍ଲା ବିଚାରପତିଙ୍କ ଦ୍ୱାରା 10.10.1978ରେ ଅଧିନିର୍ଣ୍ଣୟ—ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତି ଏହାର ତା 28.01.1981ରିଖର ଆଦେଶ ମାଧମରେ କ୍ଷତିପୂରଣକୁ ପ୍ରତି ବର୍ଗ ଗଜ ପିଛା ଟ.10ରୁ ପ୍ରତି ବର୍ଗ ଗଜ ପିଛା ଟ.12କୁ ବୃଦ୍ଧି କରିଛନ୍ତି—ଅପିଲ ପରେ ଖଣ୍ଡପୀଠ କ୍ଷତିପୂରଣକୁ ଆହୁରି ବୃଦ୍ଧି କରି ଟ.15 ପ୍ରତି ବର୍ଗ ଗଜ କରିଥିଲେ—ଏହା ମଧ ଦର୍ଶାଯାଇଛି ଯେ, ପ୍ରତି ବର୍ଗ ଗଜ ପିଛା ଟ.3 ର ବୃଦ୍ଧି ଉପରେ 30% ହାରରେ କ୍ଷତିପୂରଣ, ଏହା ବ୍ୟତୀତ ଜମି ଅଧିଗ୍ରହଣ ତାରିଖ ଠାରୁ ଏକ ବର୍ଷ ପାଇଁ ବାର୍ଷିକ 9% ସୁଧ ଏବଂ ତା 'ପରେ ଦେୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ 15% ସୁଧ ପାଇବାକୁ ଜମି ମାଲିକ ହକଦାର ଅଟନ୍ତି—ଅପିଲ—ଦର୍ଶାଯାଇଛି, ଉତ୍ତରଦାତାମାନେ କୌଣସି କ୍ଷତିପୂରଣ ପ୍ରଦାନ କରାଯିବାକୁ ହକଦାର ନୁହଁନ୍ତି—ସୁଧ ହାର, ମାତ୍ର ବାର୍ଷିକ 6% ମଧ୍ୟରେ ସୀମିତ ରହିବ ।*

*କେ. ଏସ୍. ପରିପୂର୍ଣ୍ଣନ୍ ବନାମ କେରଳ ରାଜ୍ୟ ଏବଂ ଅନ୍ୟମାନେ, **[1994] 5 SCC 593** ଏବଂ କେ. ଏସ୍. ପରିପୂର୍ଣ୍ଣନ୍ (II) ବନାମ କେରଳ ରାଜ୍ୟ ଏବଂ ଅନ୍ୟମାନେ, **[1995] 1 SCC 367, ଭରସା କରିଥିଲେ ।***

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 7716/1994 ।

ଏଲ୍.ପି.ଏ. ସଂଖ୍ୟା. 581/1981ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ତା25.3.85ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ପ୍ରେମ ମଲହୋତ୍ରା ।

ଉତ୍ତରଦାତାମାନଙ୍କ ପାଇଁ ରବୀନ୍ଦ୍ର ବାନା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରି ଦିଆଯାଇଛି ।

ଉଚ୍ଚ ନ୍ୟାୟାଳୟଙ୍କ ତା 25.3.1985ରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ଏହି ଅପିଲରେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି, କେବଳ କ୍ଷତିପୂରଣ ଏବଂ ସୁଧର ପ୍ରଶ୍ନ ମଧ୍ୟରେ ସୀମିତ ଥିଲା ।

ଭୂମି ଅଧିଗ୍ରହଣ ଅଧିନିୟମର ଧାରା 4 (ଏହା ପରେ ଆଇନ) ଅନୁଯାୟୀ ଅଧିସୂଚନାକୁ 7.10.1971ରେ ଜାରି କରାଯାଇଥିଲା । ଅଧିଗ୍ରହଣ କରାଯାଇଥିବା ଜମିର କ୍ଷତିପୂରଣ ବାବଦକୁ ଜମି ଅଧିଗ୍ରହଣ ଅଧିକାରୀ, ମାର୍ଲା ପିଛା ଟ.200 ପ୍ରଦାନ କରିଥିଲେ । ଉତ୍ତରଦାତା ଜମି ଅଧିଗ୍ରହଣ ଅଧିକାରୀଙ୍କ ଅଧିନିର୍ଣ୍ଣୟ ବିରୁଦ୍ଧରେ ଅଧିନିୟମ ଧାରା 18 ଅନୁଯାୟୀ ବିଚାରର୍ଥେ ପ୍ରେରଣ ମାଗିଥିଲେ, ଏବଂ ଗୁରୁଗାଓଁର ବିଜ୍ଞ ଜିଲ୍ଲା ବିଚାରପତି ତା10.10.1978ରିଖର ଏକ ଅଧିନିର୍ଣ୍ଣୟ ଦ୍ୱାରା ଅନୁମୋଦିତ କ୍ଷତିପୂରଣକୁ ଟ.10 ପ୍ରତି ବର୍ଗ ଗଜକୁ ଅନୁମତି ଦେଇଥିଲେ । ଜିଲ୍ଲା ବିଚାରପତିଙ୍କ ରାୟକୁ ଉତ୍ତରଦାତା, ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରିଥିଲେ । ଜଣେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତି, ତା28.01.1981ରିଖର ରାୟ ଏବଂ ଆଦେଶ ମାଧ୍ୟମରେ ଅପିଲକୁ ଅନୁମତି ଦେଇଥିଲେ ଏବଂ କ୍ଷତିପୂରଣକୁ ବର୍ଗ ଗଜ ପିଛା ଟ.10ରୁ ବର୍ଗ ଗଜ ପିଛା ଟ.12କୁ ବୃଦ୍ଧି କରିଥିଲେ । ଉତ୍ତରଦାତା ଏହି ମାମଲାକୁ ଆହୁରି ଆଗକୁ ନେଇ ଖଣ୍ଡପୀଠଙ୍କ ସମ୍ମୁଖରେ ଅପିଲ କରିଥିଲେ । ଖଣ୍ଡପୀଠ କ୍ଷତିପୂରଣକୁ ଆହୁରି ବୃଦ୍ଧି କରି ଟ.15 ପ୍ରତି ବର୍ଗ ଗଜ କରିଥିଲେ । ଖଣ୍ଡପୀଠ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ବର୍ଗ ଗଜ ପିଛା ଟ.3 ବୃଦ୍ଧି ପରେ ଉତ୍ତରଦାତା 30% ହାରରେ କ୍ଷତିପୂରଣ, ଏହା ବ୍ୟତୀତ ଜମି ଅଧିଗ୍ରହଣ ତାରିଖ ଠାରୁ ଏକ ବର୍ଷ ପାଇଁ ବାର୍ଷିକ 9% ସୁଧ ଏବଂ ତା 'ପରେ ଦେୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ 15% ସୁଧ ପାଇବାକୁ ହକଦାର ଅଟନ୍ତି । ଖଣ୍ଡପୀଠ 25 ମାର୍ଚ୍ଚ, 1985ରେ ଏହି ରାୟ ଦେଇଥିଲେ । ତେଣୁ, ଏହି ଅପିଲ ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ପ୍ରେମ ମଲହୋତ୍ରା ଉପସ୍ଥାପନ କରିଛନ୍ତି ଯେ, *କେ. ଏସ୍. ପରିପୂର୍ଣ୍ଣନ୍ ବନାମ କେରଳ ରାଜ୍ୟ ଏବଂ ଅନ୍ୟମାନେ* [1994] 5 SCC593 ମାମଲାରେ ଏହି ନ୍ୟାୟାଳୟଙ୍କ ରାୟକୁ ଦୃଷ୍ଟିରେ ରଖି, ସଂଶୋଧନ ଅଧିନିୟମ ଦ୍ୱାରା ପ୍ରବର୍ତ୍ତିତ ଅଧିନିୟମର

ଧାରା 23 (1-A)ର ବ୍ୟବସ୍ଥା ଅନୁଯାୟୀ 30% କ୍ଷତିପୂରଣର ଅଧିନିର୍ଣ୍ଣୟ, ଉତ୍ତରଦାତାଙ୍କୁ ମଞ୍ଜୁର କରାଯାଇ ପାରିନଥାନ୍ତା । ଏହା ମଧ୍ୟ ଉପସ୍ଥାପିତ ହୋଇଛି ଯେ, ଯେହେତୁ ଏହି ଅଧିନିର୍ଣ୍ଣୟ 1982 ପୂର୍ବରୁ ଦିଆଯାଇଥିଲା ଏବଂ ଏପରିକି ଜିଲ୍ଲା ବିଚାରପତି ମଧ୍ୟ 1982 ପୂର୍ବରୁ ଅଧିନିୟମ ଧାରା 18 ଅନୁଯାୟୀ ଏହି ପ୍ରସଙ୍ଗ ପରିସମାପ୍ତ କରିଥିଲେ, ତେଣୁ 9% ଏବଂ 15% ସୁଧ ଉତ୍ତରଦାତାଙ୍କ ପାଇଁ ଗ୍ରହଣୀୟ ନଥିଲା । ସେ ନେଇ *କେ.ଏସ୍. ପରିପୂର୍ଣ୍ଣନ୍ (II) ବନାମ କେରଳ ରାଜ୍ୟ ଏବଂ ଅନ୍ୟମାନେ,* [1995] 1 SCC367 ଉପରେ ନିର୍ଭର କରାଯାଇଛି ।

ଶ୍ରୀ ମଲହୋତ୍ରାଙ୍କ ଦ୍ୱାରା କରାଯାଇଥିବା ଉପସ୍ଥାପନ ଭଲ ଭାବରେ ପ୍ରତିଷ୍ଠିତ ଅଟେ । ଉଭୟ ପ୍ରସଙ୍ଗ ଉଲ୍ଲେଖ କରାଯାଇଥିବା ରାୟଗୁଡ଼ିକ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ସମାଧାନ ହୋଇଛି । ତେଣୁ, ଆମେ ଏହି ଅପିଲକୁ ଆଂଶିକ ଭାବେ ଗ୍ରହଣ କରୁଛୁ ଏବଂ ତା 25.3.1985ରିଖର ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଆଦେଶକୁ ରଦ୍ଦ କରିଛୁ ଏବଂ ଦର୍ଶାଉଛୁ ଯେ, ଉତ୍ତରଦାତାମାନେ କୌଣସି କ୍ଷତିପୂରଣ ପ୍ରଦାନ କରାଯିବାର ଅଧିକାରୀ ନୁହନ୍ତି ଏବଂ ସୁଧ ହାର ମାତ୍ର ବାର୍ଷିକ 6% ମଧ୍ୟରେ ସୀମିତ ରହିବ । ତା 25.3.1985 ରିଖର ଉଚ୍ଚ ନ୍ୟାୟାଳୟର ରାୟ ଏବଂ ଆଦେଶରେ ଏହି ପରିବର୍ତ୍ତନ ସହିତ, ଅପିଲ ପରିସମାପ୍ତ କରାଗଲା । ତେବେ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଟି.ଏନ୍.ଏ. ଅପିଲ ପରିସମାପ୍ତ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ
ଆଦିତ୍ୟ ପ୍ରସାଦ ମିଶ୍ର
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।